# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଗିଦିୟୋନ୍‌ଙ୍କର ଛୋଟ ସୈନ୍ୟଦଳ




ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen


କାହାଣୀ ୬୦ ରୁ ୧୫


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya



ଯିହୋଶୂୟଙ୍କ ମୃତ୍ୟୁ ପରେ, ଇସ୍ରାଏଲ୍ ସନ୍ତାନଗଣ ଇଶ୍ୱରଙ୍କୁ ନିଜ ଜୀବନରୁ ବାହାର କରିଦେଇ ସଦାପ୍ରଭୁଙ୍କ ଅବାଧ୍ୟ ହେଲେ ।

1



ସଦାପ୍ରଭୁଙ୍କ ସେମାନଙ୍କୁ ମିଦିୟନିୟମାନଙ୍କ ହାତରେ ସମର୍ପଣ କଲେ, ସେମାନେ ଇସ୍ରାଏଲ୍ ଲୋକମାନଙ୍କର ଗୃହ ଓ ଫସଲ ପୋଡ଼ି ପକାଇଲେ ।

ତେଣୁ ଇସ୍ରାଏଲ୍ ଲୋକମାନଙ୍କୁ ଗମ୍ଫାରେ ବାସ କରିବାକୁ ପଡ଼ିଲା ।

2


ଏକ ଇସ୍ରାଏଲିୟ, ଗିଦିୟୋନ୍, ନିଷ୍ଚିତ ଭାବରେ ଏକ ଗୁପ୍ତସ୍ଥାନ ଥିଲା ଯେଉଁଠାରେ ସେ ଗହମ ଚ଼ାଷ କରିଥିଲେ । ସେ ସେହି ଗହମକୁ ଲୁଚ଼ାଇବା ପାଇଁ ଏକ ବୃହତ୍ ଗଛ
ମୂଳରେଥିବା ଗୁପ୍ତ ଦ୍ରାକ୍ଷାରସ କୁଣ୍ଡ ଭିତରେ ତାହା ମଳୁଥିଲା ।
3
ମିଦିୟନିୟ ଲୋକମାନେ ସେହି ବିଷୟରେ ଅଜ୍ଞ ଥିଲେ କିନ୍ତୁ ସଦାପ୍ରଭୁ ତାହା ଜାଣିଥିଲେ । ସଦାପ୍ରଭୁ ନିଜର ଦୂତଙ୍କୁ ଏକ ସମ୍ବାଦ ସହିତ ଗିଦିୟୋନ୍‌ଙ୍କ ନିକଟକୁ ପ୍ରେରଣ କଲେ ।
4
ସଦାପ୍ରଭୁ ଚ଼ାହୁଁଥିଲେ ଯେ ଗିଦିୟୋନ୍ ନିଜେ ନିଜ ପିତାଙ୍କର ବାଲଦେବତାର ଯଜ୍ଞବେଦି ଭାଙ୍ଗି ପକାଇବେ ଓ ସତ୍ୟ ଇଶ୍ୱରଙ୍କ ଉଦ୍ଧେଶ୍ୟରେ ଏକ ଯଜ୍ଞବେଦି ନିର୍ମାଣ କରିବେ । ମାତ୍ର ଗିଦିୟୋନ୍ ଆପଣା ପିତୃପରିବାର ଓ ନଗରବାସିଙ୍କୁ ଭୟକଲେ କିନ୍ତୁ ସେ ସଦାପ୍ରଭୁଙ୍କ ଆଜ୍ଞାନୁସାରେ କଲେ ।
5
ସଦାପ୍ରଭୁ ଚ଼ାହୁଁଥିଲେ ଯେ ଗିଦିୟୋନ୍ ଦୁଷ୍ଟ ମିଦିୟୋନମାନଙ୍କ ବିରୁଦ୍ଧରେ ଇସ୍ରାଏଲ୍ ସୈନ୍ୟଦଳର ନେତୃତ୍ୱ ନେବେ । କିନ୍ତୁ ଗିଦିୟୋନ୍ ଭୟ କରୁଥିଲେ ।
6
ସେ କହିଲେ ଯଦି ସଦାପ୍ରଭୁ ତାଙ୍କ ସହିତରେ ଅଟନ୍ତି ତାହାର ପ୍ରମାଣେ ଏକ ଚ଼ିହ୍ନ ମାଗଲେ । ତାପରେ ସେ ଭୂମିରେ ଗଦାଏ ମେଷଲୋମ ରଖିଲେ ।
7
ଯଦି କେବଳ ସେହି ଲୋମଗଦା ଉପରେ କାକର ପଡ଼େ ଓ ସମସ୍ତ ଭୂମି ଶୁଷ୍କ ରହେ, ଗିଦିୟୋନ୍ ବିନତି କଲେ, ତେବେ ତୁମ୍ଭ ବାକ୍ୟାନୁସାରେ ମୋ ହସ୍ତଦ୍ୱାରା ଇସ୍ରଏଲକୁ ଉଦ୍ଧାର କରିବ ବୋଲି ମୁଁ ଜାଣିବି ।
8



ପ୍ରଭାତରେ ସମସ୍ତ ଭୂମି ଶୁଷ୍କ ଥିଲା କିନ୍ତୁ ସେହି ଲୋମ
ସମ୍ପୁର୍ଣ୍ଣ ଭାବରେ କାକରରେ ଭିଜି ଯାଇଥିଲା ।

9

ପୁଣିମଧ୍ୟ ଗିଦିୟୋନ୍ ସଂନ୍ଦେହ କଲେ । ବର୍ତ୍ତମାନ୍ ସେ
ଚ଼ାହାନ୍ତି ଯେ ସଦାପ୍ରଭୁ କେବଳ ସମସ୍ତ ଭୂମିରେ କାକର
ପଡ଼ୁ ମାତ୍ର ଲୋମ ଉପରେ ଶୁଷ୍କତା ହେଉ ।



10

ପ୍ରଭାତ ସମୟରେ ସେପରି ହେଲା କେବଳ ଲୋମ
ଉପରେ ଶୁଷ୍କତା ହେଲା ଓ ଭୂମିରେ କାକର ପଡ଼ିଲା ।



11

ଗିଦିୟୋନ୍ ଇସ୍ରାଏଲର ବତିଶ ହଜାର ସୈନ୍ୟଦଳ ସହିତ ବାହାରିଲେ । କିନ୍ତୁ ସଦାପ୍ରଭୁ
ସେମାନଙ୍କର ସଂଖ୍ୟା ମାତ୍ର ତିନିଶହରେ ରଖିଲେ । ସଦାପ୍ରଭୁ ଚାହୁଁନଥିଲେ ଯେ ସେମାନେ କୁହନ୍ତୁ,
ଆମ୍ଭ ନିଜ ହସ୍ତ ଆମ୍ଭକୁ ରକ୍ଷା କରିଅଛି । କେବଳ ସଦାପ୍ରଭୁ ଇସ୍ରାଏଲର ରକ୍ଷକ ଅଟନ୍ତି ।




12

ଏବେମଧ୍ୟ ଗିଦିୟୋନ୍ ଭୟଭିତ ଏହାଜାଣି, ସଦାପ୍ରଭୁ ଗିଦିୟୋନ୍‌ଙ୍କୁ ତମ୍ବୁ ନିକଟକୁ ନେଇଗେଲ
ଯେଉଁଠାରେ ସେ ଏକ ମିଦିୟୋନିୟ ଅନ୍ୟ ଏକ ମିଦିୟୋନିୟକୁ ନିଜର ସ୍ୱପ୍ନ କଥା କହିବାର
ଶୁଣିଲେ । ଏକ ଯବରୋଟୀ ମିଦିୟନୀୟ ଛାଉଁଣି ଆଡ଼କୁ ଗଡ଼ି ଆସି ଆଘାତ କରନ୍ତେ ତାହା
ପଡ଼ିଗଲା ।



13

ଅନ୍ୟ ଏକ ସୈନ୍ୟଟି ଭୟରେ କମ୍ପିଉଠିଲା । ଏହା
ଗିଦିୟୋନର ଖଡ୍ଗ ଅଟେ ସେ କହିଲେ । ଯେତେବେଳେ
ଗିଦିୟୋନ୍ ସେହି ସ୍ୱପ୍ନ କଥା ଓ ତାହାର ଅର୍ଥ ଶୁଣିଲେ, ସେ
ଜଣିଲେ ଯେ ସଦାପ୍ରଭୁ ସେମାନଙ୍କୁ ବିଜୟୀ କରିବେ ।



14

ଗିଦିୟୋନ୍  ରାତ୍ର ସମୟରେ ଆକ୍ରମଣ କରିବାକୁ ସ୍ଥିର କଲେ । ସେ ପ୍ରତ୍ୟେକ ସୈନ୍ୟକୁ ଏକ ତୂରୀ ଓ ଶୂନ୍ୟ କଳଶ ଓ କଳଶ ମଧ୍ୟରେ ଦିହୁଡ଼ି ଦେଲେ । ସେମାନେ ମିଦିୟୋନ ସୈନ୍ୟମାନଙ୍କ ଛାଉଣିକୁ ଘେରିଲେ ।



15

ଗିଦିୟୋନ୍‌ଙ୍କ ଇଙ୍ଗିତରେ, ସୈନ୍ୟମାନେ ସେମାନଙ୍କର ତୂରୀ ବଜାଇଲେ, ଓ ସେମାନଙ୍କ ହସ୍ତର କଳଶ ଭାଙ୍ଗି ପକାଇଲେ ଏବଂ ଦିହୁଡ଼ି ଜଳାଇଲେ । କି ଶବ୍ଦ! କି ଭ୍ରାନ୍ତି! ଭୟଭିତ ମିଦିୟୋନ୍ ସୈନ୍ୟମାନେ ନିଦ୍ରାରୁ ଉଠି ପଳାୟନ କଲେ ।



16

ଏହି ମହା ବିଜୟ ପରେ, ଇସ୍ରାଏଲିୟ ଲୋକମାନେ ଗିଦିୟୋନ୍‌ଙ୍କୁ କହିଲେ, ତୁମ୍ଭେ ଆମ୍ଭମାନଙ୍କର କର୍ତ୍ତୃତ୍ୱ କର । ମୁଁ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବି ନାହିଁ ।



17

ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ କର୍ତ୍ତୃତ୍ୱ କରିବେ, ଗିଦିୟୋନ୍ କହିଲେ । ସେ ଜାଣିଥିଲେ ଯେ କେବଳ ସଦାପ୍ରଭୁଙ୍କ ଲୋକମାନଙ୍କ ଜୀବନରେ କର୍ତ୍ତୃତ୍ୱ କରିବା ଅଧିକାର ଅଛି ।



18

ଗିଦିୟୋନ୍‌ଙ୍କର ଛୋଟ ସୈନ୍ୟଦଳ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ବିଚାରକର୍ତ୍ତା ୬-୮

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।